# NATIONAL NEWS BULLETIN (ODIA)

**31 December - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଦେଶ ନିର୍ମାଣ କ୍ଷେତ୍ରରେ ଗତ ୧୦ ବର୍ଷ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ମେକ୍ ଇନ୍ ଇଣ୍ଡିଆ ଯୋଜନା
- ଆଜିଠାରୁ ଭାରତ-ନେପାଳ ସାମରିକ ଅଭ୍ୟାସ ସୂର୍ଯ୍ୟ କିରଣର ଅଷ୍ଟାଦଶ ସଂସ୍କରଣ ଆରମ୍ଭ ।
- ନବବର୍ଷ ୨୦୨୫କୁ ସ୍ୱାଗତ କରିବା ପାଇଁ ଦେଶର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ଆୟୋଜନ
- ପଶ୍ଚିମବଙ୍ଗରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ବ୍ୟାପକ ନକଲୀ ଔଷଧ ଜବତ

ଏବଂ

- ସନ୍ତୋଷ ଟ୍ରଫି ଫୁଟବଲ ଟାଇଟଲ୍ ହାସଲ ପାଇଁ ଆଜି ପଶ୍ଚିମବଙ୍ଗ ଏବଂ କେରଳ ମଧ୍ୟରେ ହେବ ମୁକାବିଲା

---

## ମେକ୍ ଇନ୍ ଇଣ୍ଡିଆ

ମେକ୍ ଇନ୍ ଇଣ୍ଡିଆ ଯୋଜନା ଗତ ୧୦ବର୍ଷ ମଧ୍ୟରେ ଦେଶ ନିର୍ମାଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସାବ୍ୟସ୍ତ ହୋଇଛି । ୨୦୧୪ ମସିହା ସେପ୍ଟେମ୍ବର ୨୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଯୋଜନାର ଶୁଭାରମ୍ଭ କରିଥିଲେ । ଇତିମଧ୍ୟରେ ଏହି ଯୋଜନା

କାର୍ଯ୍ୟକାରିତାର ୧୦ବର୍ଷ ପୂର୍ତ୍ତି ହେବା ସହିତ ବିଶ୍ୱରେ ଉତ୍ପାଦନ କ୍ଷେତ୍ରରେ ଭାରତ ଏକ ପ୍ରମୁଖ କେନ୍ଦ୍ର ହୋଇପାରିଛି ।

ଆମ ସମ୍ବାଦଦାତା ଏ ସଂପର୍କରେ ଏକ ରିପୋର୍ଟ ପ୍ରସ୍ତୁତ କରିଛନ୍ତି । ରିପୋର୍ଟ ଅନୁଯାୟୀ, ଦେଶର ଉତ୍ପାଦନ କ୍ଷେତ୍ରକୁ ସୁଦୃଢ଼ କରି ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହିତ ଦେଶର ଆର୍ଥିକ ଅଭିବୃଦ୍ଧି ପାଇଁ ଆରମ୍ଭ କରାଯାଇଥିବା ମେକ୍ ଇନ୍ ଇଣ୍ଡିଆ ଯୋଜନା ସଫଳ ହୋଇଛି । ଏବେ ଦେଶରେ ମେକ୍ ଇନ୍ ଇଣ୍ଡିଆ ୨.୦ ପର୍ଯ୍ୟାୟ ୨୭ଟି କ୍ଷେତ୍ରରେ କାର୍ଯ୍ୟକାରୀ ହେଉଛି । ଏହି ଯୋଜନା ଫଳରେ ଭାରତ’ ବିଶ୍ୱରେ ଉତ୍ପାଦନ କ୍ଷେତ୍ରରେ ଏକ ପ୍ରମୁଖ ରାଷ୍ଟ୍ର ହୋଇପାରିଛି । ୨୦୧୪-୧୫ ବର୍ଷରୁ ୨୦୨୧-୨୨ ବର୍ଷ ମଧ୍ୟରେ ମେକ୍ ଇନ୍ ଇଣ୍ଡିଆ ଯୋଜନା ପାଇଁ ଭାରତରେ *୬୬୭* ବିଲିୟନ୍ ଡଲାର ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ ହୋଇପାରିଛି । ଖାଲି ଉତ୍ପାଦନ କ୍ଷେତ୍ର ନୁହେଁ, ଡିଜିଟାଲ୍ କ୍ଷେତ୍ରରେ ମଧ୍ୟ ଭାରତ’ ବିଶ୍ୱରେ ଏକ ଅଗ୍ରଣୀ ରାଷ୍ଟ୍ର ହେବାର ସଫଳତା ଅର୍ଜନ କରିଛି ।

## ଦିଲ୍ଲୀ-ବିଜେପି-ଆପ୍

ଦିଲ୍ଲୀରେ ବିଧାନସଭା ନିର୍ବାଚନ ପୂର୍ବରୁ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଉଷ୍ମତା ବୃଦ୍ଧି ପାଇଛି । ବିଭିନ୍ନ ଦଳ ପକ୍ଷରୁ ପୋଷ୍ଟର ଜରିଆରେ ପରସ୍ପର ଉପରେ ଆରୋପ ପ୍ରତ୍ୟାରୋପ କରାଯାଉଥିବା ଦେଖିବାକୁ ମିଳୁଛି । ଦିଲ୍ଲୀ ବିଜେପି ପକ୍ଷରୁ ବିଭିନ୍ନ ସ୍ଥାନରେ ପୋଷ୍ଟର ଜରିଆରେ ରାଜ୍ୟରେ ପ୍ରଦୂଷଣ, ପାନୀୟ ସମସ୍ୟା, ସ୍ୱାସ୍ଥ୍ୟ ସମସ୍ୟା ଓ ଦୁର୍ନୀତି ପାଇଁ ଆମ୍ ଆଦ୍‌ମୀ ପାର୍ଟିକୁ ଦାୟୀ କରାଯାଇଛି । ଇତିମଧ୍ୟରେ ବିଜେପି ମୁଖପାତ୍ର ଗୌରବ ଭାଟିଆ’ ଆପ୍‌ର ବରିଷ୍ଠ ନେତା ଅରବିନ୍ଦ କେଜରିୱାଲ

ଓ ମୁଖ୍ୟମନ୍ତ୍ରୀ ଆତିସୀଙ୍କ ଦ୍ୱାରା ଛୋଟ ପିଲାମାନଙ୍କୁ ପ୍ରଚାର କାର୍ଯ୍ୟରେ ନିୟୋଜିତ କରାଯାଇଥିବା ଘଟଣା ସଂପର୍କରେ ଜାତୀୟ ମାନବାଧିକାର କମିଶନ ଦେଇଥିବା ମତ ପାଇଁ ଆପ୍‌କୁ ନିନ୍ଦା କରିଛନ୍ତି ।

ଅନ୍ୟପକ୍ଷରେ କଂଗେସ୍ର ଦଳ ମଧ୍ୟ ଆପ୍ ସରକାରର ବିଭିନ୍ନ ପ୍ରଶାସନିକ ଅବ୍ୟବସ୍ଥାକୁ ସାମଲୋଚନା କରିଚି । ନୂଆଦିଲ୍ଲୀରେ ସାମ୍ବାଦିକମାନଙ୍କୁ ଦଳୀର ବରିଷ୍ଠ ନେତା ସନ୍ଦୀପ ଦୀକ୍ଷିତ ଆପ୍ ଦଳ ଯମୁନା ନଦୀକୁ ସଫା କରିବା ପାଇଁ ଦେଇଥିବା ପ୍ରତିଶ୍ରୁତି ବିଫଳ ହୋଇଥିବା ଅଭିଯୋଗ କରିଛନ୍ତି । ସେ କହିଛନ୍ତି କେଜରିୱାଲ ଦିଲ୍ଲୀପାଇଁ କୌଣସି ଗଠନମୂଳକ କାର୍ଯ୍ୟ କରିନାହାନ୍ତି ।

ଅନ୍ୟପକ୍ଷରେ ଆମ୍ ଆଦମୀ ଦଳର ସଂଜୟ ସିଂ ଦିଲ୍ଲୀରେ ବିଜେପି ପୂଜକମାନଙ୍କୁ ବିରୋଧ କରୁଥିବା କହିଛନ୍ତି । ତାଙ୍କ ସରକାର ପୂଜକ, ମହିଳାମାନଙ୍କ ପାଇଁ କଲ୍ୟାଣ ମୂଳକ ଯୋଜନା ହାତକୁ ନେଇଥିବା ଶ୍ରୀ ସିଂ କହିଛନ୍ତି ।

---

## ଆକାଶବାଣୀ ସ୍ପେଶିଆଲ

ଆକାଶବାଣୀ ସମ୍ବାଦ ସେବା ବିଭାଗ ପକ୍ଷରୁ୨୦୨୪ ବର୍ଷର ଘଟଣାବଳୀକୁ ନେଇ ପ୍ରସ୍ତୁତ କରାଯାଉଥିବା ବର୍ଷଶେଷ ସିରିଜ୍‌ରେ ଆଜି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ୨୦୨୪ ମସିହାରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଓ ସଫଳତା ସଂପର୍କରେ ଆଲୋଚନା କରାଯାଉଛି । ୨୦୨୪ ମସିହାରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସମସ୍ତଙ୍କ ପାଇଁ ନ୍ୟାୟର ସୁବିଧା ସଂକ୍ରାନ୍ତରେ ଐତିହାସିକ ସଂସ୍କାର ଅଣାଯାଇଥିଲା ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲକ୍ଷ୍ୟକୁ ପୂରଣ କରିବା ପାଇଁ ମନ୍ତ୍ରଣାଳୟ ପକ୍ଷରୁ ଜନସାଧାରଣଙ୍କ ସାମ୍ବିଧାନିକ ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ୨୦୨୪ ମସିହାରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ୩ଟି ନୂଆ ଅପରାଧ ଆଇନ ପ୍ରଚଳନ କରିଛି । ସେଗୁଡ଼ିକ ହେଲା ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ । ମନ୍ତ୍ରଣାଳୟ ପକ୍ଷରୁ ମହିଳାମାନଙ୍କ ଅଧିକାର, ଅବହେଳିତମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଆଦି କେତେଗୁଡ଼ିଏ ବିଶିଷ୍ଟ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଭାରତୀୟ ନାଗରିକ ସଂହିତା ଆଇନରେ ମଧ୍ୟ ସଂଶୋଧନ ଅଣାଯାଇଥିଲା। କେନ୍ଦ୍ର ସରକାର ଜାମ୍ମୁ କାଶ୍ମୀରରେ ସନ୍ତ୍ରାସବାଦ ମୁକ୍ତ ଅଞ୍ଚଳ ଗଢ଼ିବା କାର୍ଯ୍ୟକୁ ସଫଳତାର ସହିତ କାର୍ଯ୍ୟକାରୀ କରୁଛନ୍ତି । ୨୦୨୪ ମସିହାରେ ସଫଳତାର ସହିତ ଜାମ୍ମୁକାଶ୍ମୀରରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏଥିସହିତ ଦେଶରେ ନକ୍ସଲବାଦର ଦମନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ ସ୍ୱରୂପ ୨୮୭ ଜଣ ସନ୍ତ୍ରାସବାଦୀଙ୍କୁ ନିପାତ କରାଯାଇଥିଲା ଓ ୯୯୨ ଜଣଙ୍କୁ ଗିରଫ କରାଯାଇଥିଲା ।

## ଇଣ୍ଡିଆ-ନେପାଳ ମିଲିଟାରୀ ଏକ୍ସରସାଇଜ୍

ଭାରତ-ନେପାଳ ସାମରିକ ଅଭ୍ୟାସ ସୂର୍ଯ୍ୟ କିରଣର ଅଷ୍ଟାଦଶ ସଂସ୍କରଣ ଆଜିଠାରୁ ଆରମ୍ଭ ହେଉଛି । ନେପାଳର ରୁପାଣ୍ଡେହିର ସାଲଝାଣ୍ଡି ଠାରେ ଏହି ଅଭ୍ୟାସ ଆସନ୍ତାମାସ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ବାଟାଲିୟନ୍ ସ୍ତରୀୟ ମିଳିତ ସାମରିକ ଅଭ୍ୟାସରେ ଜଙ୍ଗଲ ମଧ୍ୟରେ ଯୁଦ୍ଧ, ବିଭିନ୍ନ ପରିସ୍ଥିତିରେ ଆତଙ୍କବାଦ ମୁକାବିଲା ଏବଂ ବିପର୍ଯ୍ୟୟ

ପରିଚାଳନାରେ ମାନବିକ ସହାୟତା ଉପରେ ଗୁରୁତ୍ୱ ଦିଆଯିବ ବୋଲି ଜଣାପଡ଼ିଛି । ଦୁଇ ସପ୍ତାହ ଧରି ଚାଲିଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭାରତୀୟ ସେନାର ଏକାଦଶ ଗୋର୍ଖା ରାଇଫଲ୍ ଏବଂ ନେପାଳ ସେନାର ଶ୍ରୀଜଙ୍ଗ ବାଟାଲିୟନ୍ ଭାଗ ନେଉଛନ୍ତି । ଏହି ମିଳିତ ସାମରିକ ଅଭ୍ୟାସ ଦ୍ୱାରା ଉଭୟ ଦେଶ ମଧ୍ୟରେ ବୃତ୍ତିଗତ ସହଯୋଗ, ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଏବଂ ବିଶ୍ୱାସ ବୃଦ୍ଧି ସମେତ ସାଂସ୍କୃତିକ ସମ୍ପର୍କ ଆହୁରି ଦୃଢ଼ ହେବ ବୋଲି ଆଶା କରାଯାଉଛି ।

---

## ଏନ୍‌ଆଇଏ-ବାଂଲାଦେଶ

ବେଙ୍ଗାଲୁରୁର ଏକ ସ୍ୱତନ୍ତ୍ର କୋର୍ଟ୍ ଜଣେ ବାଂଲାଦେଶୀ ଆତଙ୍କବାଦୀଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡାଦେଶ କରିଛନ୍ତି । ଅଭିଯୁକ୍ତ ଜାହିଦୁଲ୍ ଇସଲାମ୍ ଅକ୍କା କୌଶରକୁ ଡକାୟତି, ଷଡ଼ଯନ୍ତ୍ର ଏବଂ ପାଣ୍ଠି ସଂଗ୍ରହ ଭଳି ଘଟଣାରେ କୋର୍ଟ୍ ୫୭ ହଜାର ଟଙ୍କା ଜରିମାନା କରିଛନ୍ତି । ତଦନ୍ତରୁ ଜଣାପଡ଼ିଛି ଯେ ଆତଙ୍କବାଦୀ ଜଣଙ୍କ ବାଂଲାଦେଶରେ ସିରିଏଲ୍ ବୋମା ବିସ୍ଫୋରଣ କରିବା ପରେ ଭାରତ ମଧ୍ୟକୁ ପ୍ରବେଶ କରିଥିଲା । ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍.ଆଇ.ଏ. ଅଦାଲତ ଏହି ଦଣ୍ଡାଦେଶ କରିଛନ୍ତି । ସମ୍ପୃକ୍ତ ଆତଙ୍କବାଦୀ ଜଣକ ୨୦୧୮ରେ ବୋଧଗୟା ବୋମା ବିସ୍ଫୋରଣ ଏବଂ ୨୦୧୪ରେ ବର୍ଦ୍ଧମାନ ବୋମା ବିସ୍ଫୋରଣ ଘଟଣାରେ ସମ୍ପୃକ୍ତ ଥିଲା ଏବଂ ଭାରତରେ ଜମାତ୍-ଉଲ୍-ମୁଜାହିଦ୍ଦିନ୍ ବାଂଲାଦେଶର କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେବା ସହ ଏକାଧିକ ମାମଲାରେ ସମ୍ପୃକ୍ତ ଥିଲା ।  ଏହି ମାମଲା ଗୁଡ଼ିକରେ ମୋଟ୍ ୧୧ ଜଣଙ୍କୁ ଏନ୍.ଆଇ.ଏ. କୋର୍ଟ୍ ପକ୍ଷରୁ ଦୋଷୀ ସାବ୍ୟସ୍ତ କରାଯାଇଛି ।

୨୦୧୯ ଜୁନ୍ ମାସରେ ସମ୍ପୃକ୍ତ ଆତଙ୍କବାଦୀମାନଙ୍କ ବିରୋଧରେ ପ୍ରଥମେ ବର୍ଦ୍ଧମାନ ବିସ୍ଫୋରଣ ମାମଲାର ତଦନ୍ତ ସମୟରେ ବେଙ୍ଗାଲୁରୁ ସିଟି ପୋଲିସ୍ ମାମଲା ଦାଏର କରିଥିଲା ।

## ନିଉ ଇୟର-ଦିଲ୍ଲୀ

ନୂଆବର୍ଷ ୨୦୨୫କୁ ସ୍ୱାଗତ କରିବା ପାଇଁ ଜାତୀୟ ରାଜଧାନୀ ଦିଲ୍ଲୀ ଅଞ୍ଚଳରେ ବ୍ୟାପକ ପ୍ରସ୍ତୁତି ହୋଇଛି । ହୋଟେଲ୍ ଓ ରେସ୍ତୋରାଁ ଗୁଡ଼ିକ ଆଲୋକମାଳାରେ ସଜାଯାଇଛି । ଦିଲ୍ଲୀ ପୋଲିସ୍ ପକ୍ଷରୁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ବିଭିନ୍ନ ବଜାର ଓ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ସିସିଟିଭି କ୍ୟାମେରା ଖଞ୍ଜା ଯାଇଛି ।

## ଉତ୍ତରାଖଣ୍ଡ-ନିଉ ଇୟର

ଉତ୍ତରାଖଣ୍ଡର  ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ବହୁସଂଖ୍ୟାରେ  ପର୍ଯ୍ୟଟକମାନଙ୍କ ଆଗମନ  ହୋଇଛି । ଆମ ସମ୍ବାଦଦାତା ଜଣାଇଛନ୍ତି, ନୈନିତାଲ, ମସୁରୀ, ଅଉଲୀ, ତେହେରୀ ଓ ଆଲ୍‌ମୋଡା ଆଦି ପାର୍ବତ୍ୟାଞ୍ଚଳଗୁଡ଼ିକରେ ତୁଷାରପାତ ପରେ ପର୍ଯ୍ୟଟକମାନଙ୍କ ଆଗମନ ବୃଦ୍ଧି ପାଇଛି । ସେଠାରେ ଆଇନଶୃଙ୍ଖଳା ପରିସ୍ଥିତିର ସୁପରିଚାଳନା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଟ୍ରାଫିକ୍ ବ୍ୟବସ୍ଥାକୁ ପରିଚାଳନା କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି । ଉତ୍ତରାଖଣ୍ଡର ପର୍ଯ୍ୟଟନସ୍ଥଳୀ ନିକଟ ରାସ୍ତା ଗୁଡ଼ିକରେ ଆଜି ସକାଳ ୯ଟାଠାରୁ ଆସନ୍ତାକାଲି ରାତି ୧୦ଟା ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ଉପରେ କଟକଣା ଜାରି କରାଯାଇଛି ।

## ମଷ୍ଟ ଆନାଉନ୍ସମେଣ୍ଟ-୨

ଆକାଶବାଣୀ ସମ୍ବାଦସେବା ବିଭାଗ ପକ୍ଷରୁ ବର୍ଷଶେଷ ଅବସରରେ ଆଜି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସାରିତ ହେବ । କାର୍ଯ୍ୟକ୍ରମର ଶୀର୍ଷକ ହେଉଛି, '୨୦୨୪: ଦ ଇୟର୍ ଦ୍ୟାଟ୍ ଓ୍ୱାଚ୍, ଦ ମେମୋରିଜ୍ ଦ୍ୟାଟ୍ ରିମେନ୍ସ' । ଇଂରାଜୀରେ ପ୍ରସ୍ତୁତ ୩୦ ମିନିଟ୍ ଅବଧିର ଏହି କାର୍ଯ୍ୟକ୍ରମ ୧୦୦ ଦଶମିକ ୧ ଏଫ୍‌ଏମ୍ ଗୋଲ୍ଡ ଏବଂ ଅତିରିକ୍ତ ଫ୍ରିକ୍ୱେନ୍ସିରେ ଆଜି ରାତି ୮ଟାରେ ପ୍ରସାରଣ କରାଯିବ । ଆକାଶବାଣୀ ସମ୍ବାଦର ଓ୍ୱେବ୍‌ସାଇଟ୍ newsonair.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ ଆକାଶବାଣୀ AIR ଓ News on AIR ରେ ପ୍ରସାରଣ କରାଯିବ ।

---

## ଫେକ୍ ଡ୍ରଗ୍ ସିଜ୍

ପଶ୍ଚିମବଙ୍ଗରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ୬ କୋଟି ୬୦ ଲକ୍ଷ ଟଙ୍କାର ନକଲୀ ଔଷଧ କୋଲକାତାରୁ ଜବତ କରାଯାଇଛି । କେନ୍ଦ୍ରୀୟ ଡ୍ରଗ୍‌ସ ନିୟନ୍ତ୍ରଣ ସଂଗଠନ ଓ ଡ୍ରଗ୍‌ସ ନିୟନ୍ତ୍ରଣ ନିର୍ଦ୍ଦେଶାଳୟ ପକ୍ଷରୁ କୋଲ୍‌କାତାରେ ମିଳିତ ଚଢ଼ାଉ କରାଯାଇ ବିପୁଳ ପରିମାଣର ନକଲୀ ଔଷଧ ଜବତ କରାଯାଇଛି । କ୍ୟାନସର, ମଧୁମେହ ଓ ଅନ୍ୟାନ୍ୟ ବ୍ୟୟବହୁଳ ରୋଗଗୁଡ଼ିକର ଚିକିତ୍ସା ପାଇଁ ବ୍ୟବହୃତ ଔଷଧକୁ ନକଲୀ କରାଯାଇ ବଜାରେ ବିକ୍ରି କରାଯାଉଥିଲା । ଏହି ଔଷଧ ଗୁଡ଼ିକରେ ତୁର୍କୀ, ଆମେରିକା ଓ ଆର୍ୟାଲ୍ୟାଣ୍ଡ ଦେଶ ଗୁଡ଼ିକରେ ଥିବା ଔଷଧ କମ୍ପାନୀଗୁଡ଼ିକର ଲୋଗୋ ବ୍ୟବହାର କରାଯାଇଥିଲା । ତଦନ୍ତକାରୀ ଦଳ ପକ୍ଷରୁ ଔଷଧ ଗୁଡ଼ିକର ନମୁନାଗୁଡ଼ିକ ପରୀକ୍ଷା କରାଯିବ ।

---

# ସନ୍ତୋଷ ଟ୍ରଫି ଫୁଟ୍‌ବଲ

ସନ୍ତୋଷ ଟ୍ରଫି ଫୁଟବଲ ପ୍ରତିଯୋଗିତାର ଟାଇଟଲ୍ ହାସଲ ପାଇଁ ଆଜି ପଶ୍ଚିମବଙ୍ଗ ଏବଂ କେରଳ ମଧ୍ୟରେ ମୁକାବିଲା ହେବ । ଆଜି ରାତି ୭ଟା ୩୦ ମିନିଟ୍‌ରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ । ସନ୍ତୋଷ ଟ୍ରଫିର ପ୍ରଥମ ସେମିଫାଇନାଲ୍‌ରେ ପଶ୍ଚିମବଙ୍ଗ ୪-୨ ଗୋଲ୍‌ରେ ସର୍ଭିସେସ୍‌କୁ ପରାସ୍ତ କରି ଫାଇନାଲ୍‌ରେ ପହଞ୍ଚିଥିଲା । ଦ୍ୱିତୀୟ ସେମିଫାଇନାଲ୍‌ରେ କେରଳ ୫-୧ ଗୋଲ୍‌ରେ ମଣିପୁରକୁ ପରାସ୍ତ କରିଥିଲା ।

---

# ହକି

ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍‌ରେ ଗତ ରାତିରେ ଅନୁଷ୍ଠିତ ମ୍ୟାଚ୍‌ରେ ୟୁପି ରୁଦ୍ରସ ୩-୧ ଗୋଲ୍‌ରେ କଳିଙ୍ଗ ଲ୍ୟାନ୍ସର୍ସକୁ ପରାସ୍ତ କରିଛି । ଲ୍ୟାନ୍ସର୍ସ୍ ପକ୍ଷରୁ ଏନରିକେ ଗୋଞ୍ଜାଲେଜ୍ ଏକମାତ୍ର ଗୋଲ୍‌ସ୍କୋର କରିଥିଲେ । ୟୁପି ରୁଦ୍ରାସ୍ ଖେଳର ୧୩ ମିନିଟ୍, ୪୫ ମିନିଟ୍ ଏବଂ ୫୦ ମିନିଟ୍‌ରେ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ । ରୁଦ୍ରାସ୍‌ର ଗୋଲ୍ ରକ୍ଷକ ଜେମ୍ସ ମାଜାରେଲାଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଦିଆଯାଇଛି । ପଏଣ୍ଟ ତାଲିକାରେ ରୁଦ୍ରାସ୍ ଶୀର୍ଷରେ ରହିଛି ।

ଆଜି ରାତି ୮ଟା ୧୫ ମିନିଟ୍‌ରେ ହାଇଦ୍ରାବାଦ୍ ତୋଫାନ୍ସ ଏବଂ ଦିଲ୍ଲୀ ଏସ୍.ଜି. ପାପଇପର୍ସ ମଧ୍ୟରେ ମୁକାବିଲା ହେବ ।

---